# କାର୍ଗିଲ ବସ୍ତିରେ ପିକକ୍ ର ଶିଶୁ ଦିବସ ପାଳନ

୧୪/୧୧:  ଶିଶୁ ଅଧିକାର ସପ୍ତାହ ଓ ୩୩ ତମ ପିକକ୍ ଶିଶୁ ମେଳା ପରିପ୍ରେକ୍ଷୀରେ ଏକ ନିଆରା ଢଙ୍ଗରେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ପିପୁଲସ୍ କଲଚରାଲ୍ ସେଣ୍ଟର (ପିକକ୍) ପକ୍ଷରୁ ଶିଶୁ ଦିବସ ପାଳିତ ହୋଇଯାଇଛି ।  ପିପୁଲସ୍ କଲଚରାଲ୍ ସେଣ୍ଟର (ପିକକ୍) ସହଯୋଗରେ ପ୍ରୟାସ କିଶୋର ବାଳକ ଗୋଷ୍ଠି ଓ ପ୍ରକୃତି କିଶୋରୀ ବାଳିକା ଗୋଷ୍ଠି ଦ୍ୱାରା ଏହି କାର୍ଯ୍ୟକ୍ରମ କାର୍ଗିଲ ବସ୍ତି ଗୋଷ୍ଠି କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛ । ଏହି ଅବସରରେ ରେ କାର୍ଗିଲ ବସ୍ତି ଅଞ୍ଚଳର ବହୁସଂଖ୍ୟକ  ଶିଶୁ ଯୋଗଦେଇଥିଲେ । ପିକକ୍ ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଶ୍ରୀମତୀ ଅନୁରାଧା ମହାନ୍ତି ସ୍ୱାଗତ ଭାଷଣ ଦେଇ ପିଲାମାନଙ୍କୁ ଶିଶୁ ଦିବସ ଅବସରରେ ସ୍ୱାଗତ ଜଣାଇଥିଲେ ଓ ସେମାନେ ତାଙ୍କ ଭବିଷ୍ୟତର ଉନ୍ନତି କାମନା କରିଥିଲେ । ପିକକ୍ ର ସମ୍ପାଦକ ଶ୍ରୀଯୁକ୍ତ  ରଞ୍ଜନ କୁମାର ମହାନ୍ତି,  ପିଲାମାନଙ୍କ ପାଇଁ ଏକ ସୁରକ୍ଷିତ ବାତାବରଣ ଓ ଆନନ୍ଦମୟ ଶୈଶବ ସୁନିଶ୍ଚିତ କରିବା ସମସ୍ତଙ୍କ ର ଦାୟିତ୍ୱ ବୋଲି ସେ କହିଥିଲେ। ପିଲାମାନେ ପାଠ ପଢିବା ସହିତ ମନଭରେ ଶୈଶବ କୁ ଉପଭୋଗ କରିବାକୁ ଆମେ ସମସ୍ତେ ଉପଯୁକ୍ତ ପରିବେଶ ସୃଷ୍ଟି କରିବାକୁ ସେ ମତ ଦେଇଥିଲେ ।

ଏହି କାର୍ଯ୍ୟକ୍ରମରେ ବସ୍ତି ର ସଭାପତି ରବିନାରାୟଣ  ଦାସ, ପୁଲିସ ମିତ୍ର ଦଳ ର ମୁଖ୍ୟ ପୂର୍ଣଚନ୍ଦ୍ର ମଲ୍ଲିକ, ବସ୍ତି ପୋଲିସ ମିତ୍ର କେ ଆର ଦୋରା, ପୋଲିସ ମିତ୍ର ବିଶ୍ୱଜିତ ମଲ୍ଲିକ ପ୍ରମୁଖ ଯୋଗଦେଇ ପିଲାମାନଙ୍କୁ ଶିଶୁ ଦିବସ ଉପଲକ୍ଷେ ଶୁଭେଚ୍ଛା ଜଣାଇଥିଲେ ଓ ପିଲାମାନେ ଭଲ ମଣିଷ ହେବାପାଇଁ ଏହି ଦିବସରୁ ପ୍ରେରଣା ନେବା ଉଚିତ ବୋଲି କହିଥିଲେ ।  ଏହି ଅବସରରେ ପିଲାମାନଙ୍କ ମଧରେ ମିଷ୍ଟାନ ବଣ୍ଟନ ମଧ କରଯାଇଥିଲା ।  ପିକକ୍ ର ଅଜ୍ଞନା ଦାସ, ପ୍ରିୟଦର୍ଶିନୀ ସ୍ୱାଇଁ  ପ୍ରମୁଖ ଏହି କାର୍ଯ୍ୟକ୍ରମ ର ପରିଚାଳନା କରିଥିଲେ ।